# ପ୍ଲାଷ୍ଟିକ ଆବର୍ଜନାର ସୁପରିଚାଳନା

ବୌଦ୍ଧ ଜିଲ୍ଲାର ମକୁନ୍ଦପୁରସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ପିଲାମାନେ ପ୍ଲାଷ୍ଟିକ ଆବର୍ଜନାର ଅଭିନବ ଉପାୟରେ ସୁପରିଚାଳନା କରୁଛନ୍ତି । ପିଲାମାନେ ନିକଟସ୍ଥ ଅଞ୍ଚଳ ତଥା ମାର୍କେଟ, ରାସ୍ତାକଡ ଓ ଗାଁ ମାନଙ୍କରୁ ପଡିଥିବା ପ୍ଲାଷ୍ଟିକ ବ୍ୟାଗ, ସିମେ□ ବ୍ୟାଗ ଇତ୍ୟାଦି ସଂଗ୍ରହ କରି ସେଥିରୁ ମଜବୁଦ ଦଉଡି ତିଆରି କରୁଛନ୍ତି । ଏହି ଦଉଡି ଗାଁ ମାନଙ୍କରେ ବିଶେଷ ଆଦୃତ ହୋଇଛି । ଏହାକୁ ଗାଁ ଲୋକମାନେ ଗାଈ, ଛେଳି, ଘୁସୁରି ବାନ୍ଧିବାରେ ବ୍ୟବହାର କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶକ ଶ୍ରୀ ପ୍ରବୀର କୁମାର ଦାସ ପ୍ରୋତ୍ସାହିତ କରୁଛନ୍ତି ।